# ଆମ ବ୍ୟବସ୍ଥା ଆସ୍ଥା ହରାଉଛି କାହିଁକି?

୦୩/୦୮/୨୦୦୮

## ଆମ ଘରର ହାଲଚାଲ

ସୌମ୍ୟରଂଜନ ପଟ୍ଟନାୟକ

ଗତ ସପ୍ତାହରେ ଆମ ରାଜନୈତିକ ବ୍ୟବସ୍ଥାର ମୁଖ୍ୟ ଚରିତ୍ରମାନେ ଯେପରି ଆଚରଣ ପ୍ରଦର୍ଶନ କଲେ ତାହା ଆମକୁ ଯଥେଷ୍ଟ ବିବ୍ରତ କରୁଛି । ମୁଁ ନିଜେ ରାଜନୀତି ବିଜ୍ଞାନର ଛାତ୍ର ଥିଲି । କିଛି କାଳ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା ମଧ୍ୟ କରିଛି । ଆଜି କିନ୍ତୁ ରାଜନୀତି ବିଜ୍ଞାନ ପଢ଼େଇବା ପାଇଁ ମୋତେ କାହିଁକି ଡର ମାଡୁଛି । ମୁଁ ପଢ଼ିଥିବା ରାଜନୀତି ବିଜ୍ଞାନ ଭୁଲିଯାଇଛି ବୋଲି ନୁହେଁ, ବରଂ ଛାତ୍ରମାନେ ମୋତେ ସନ୍ଦେହ ଚକ୍ଷୁରେ ଦେଖିବେ ବୋଲି । କାରଣ ମୁଁ ତାଙ୍କୁ ସମ୍ବିଧାନ, ରାଜନୈତିକ ଅନୁଷ୍ଠାନ ଏବଂ ପ୍ରକ୍ରିୟା ସମ୍ବନ୍ଧରେ ଯାହା କହିବି ସେମାନେ ତାହା ସବୁ ମନଗଢ଼ା କାହାଣୀ ବୋଲି ଭାବିବେ । ଆମ ରାଜନେତାମାନେ ଯେପରି ଆଚରଣ ପ୍ରଦର୍ଶନ କରୁଛନ୍ତି ତାହା ଆମ ସମ୍ବିଧାନର ବ୍ୟବସ୍ଥା ସହିତ ଆଦୌ ମେଳ ଖାଉନାହିଁ । 'ବିଧି ଶାସନ'ର ବ୍ୟବସ୍ଥା କଥା ବିଚାର କରାଯାଉ । 'ବିଧି ଶାସନ' ସମ୍ପର୍କରେ ଆମେ ପଢ଼ିଥିବା ପାଠ ଏବେ ବି ମୋର ମନେ ଅଛି । 'ବିଧି ଶାସନ'ର ମୂଳମନ୍ତ୍ର ହେଲା ଆଇନର ଆଖିରେ ସମସ୍ତେ ସମାନ । ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି କନେଷ୍ଟବଳ ପର୍ଯ୍ୟନ୍ତ ସମସ୍ତେ ଗୋଟିଏ ଆଇନରେ ବନ୍ଧା । ଏହି କଥା କହିଲାବେଳେ ଗତ ସପ୍ତାହରେ ଜାମିନବିହୀନ ପରୱାନାକୁ ନେଇ ଯେଉଁ ପ୍ରହସନ ଚାଲିଲା, ତାହା ମନକୁ ଆସୁଛି । ଆମ ରାଜନୈତିକ ଦଳଗୁଡ଼ିକ ଏବଂ ରାଜନେତାମାନେ ଯେଉଁ ଆଭିମୁଖ୍ୟ ରଖିଲେ, ଯେଉଁ ଯୁକ୍ତିର ଅବତାରଣା କରି ଯେଭଳି ଆଚରଣ ପ୍ରଦର୍ଶନ କଲେ, ତାହା କ'ଣ ଗ୍ରହଣୀୟ ହେଉଛି? ଦାଗୀ ମନ୍ତ୍ରୀମାନଙ୍କ ସମ୍ପର୍କରେ ମଧ୍ୟ ଯାହା କୁହାଯାଉଛି ତାହା ବି କ'ଣ ଯୁକ୍ତିଯୁକ୍ତ ମନେ ହେଉଛି? ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କର ମନ୍ତବ୍ୟ ଆମର ଅସହାୟବୋଧକୁ ଆହୁରି ଅଧିକ ପ୍ରକଟିତ କରୁଛି । ସମ୍ପୂର୍ଣ୍ଣ ଏକ ବୈଧାନିକ ପ୍ରଶ୍ନକୁ ରାଜନୈତିକ ଲେପ ଦେଇ କୌଣସି ମତେ ଏକ ବିବାଦର ସୂତ୍ରପାତ କରିପାରିଲେ ତାହା ଆଉ ବୈଧାନିକ ପ୍ରଶ୍ନ ହୋଇ ରହୁନାହିଁ । ଆମ ରାଜନେତାମାନେ ଏଭଳି କୌଶଳକୁ ସବୁ କ୍ଷେତ୍ରରେ ବେଶ ସଫଳତାର ସହିତ ପ୍ରୟୋଗ କରିପାରୁଛନ୍ତି । ଜାମିନବିହୀନ ପରୱାନା ମାମଲାରେ ପ୍ରକୃତ ପ୍ରସଙ୍ଗ ଆଲୋଚନାକୁ ଆସିଲା ନାହିଁ । ରାଜନେତାମାନେ ଆମ ବିରୋଧରେ ପରୱାନା ଅଛି ବୋଲି ଆମେ କିପରି ଜାଣିବୁ କହି କିମ୍ବା ରାଜନୈତିକ ଉଦ୍ଦେଶ୍ୟର ଦୋଷ ଦେଇ ଖସିଯିବାକୁ ଚାହୁଁଛନ୍ତି । କିନ୍ତୁ ପ୍ରକୃତ କଥା ତାହା ନୁହେଁ । ସମୁଦାୟ ବ୍ୟାପାରଟିକୁ ଯଦି ଟିକେ ଭଲ ଭାବରେ ଅନୁଧ୍ୟାନ କରାଯାଏ ତାହାହେଲେ ଆମ ନେତାମାନଙ୍କର ଦୁର୍ବଳତା ସ୍ପଷ୍ଟ ବାରି ହେବ । ରାଜନେତାମାନଙ୍କ ବିରୋଧରେ ଜାମିନବିହୀନ ପରୱାନା କଥା ଉଠୁଛି କାହିଁକି? ସେମାନେ ହୁଏତ ଏଭଳି କୌଣସି କାର୍ଯ୍ୟ କରିଥିବେ ଯାହା ଆମ ଆଇନରେ ଦଣ୍ଡନୀୟ ଅପରାଧ ହୋଇଥିବ । ପୋଲିସ୍ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିବ । ମାମଲା ଆଗେଇ ଯାଇ ଅଦାଲତ ପକ୍ଷରୁ ଅଭିଯୁକ୍ତଙ୍କ ଉଦ୍ଦେଶ୍ୟରେ ସମନ ଯାଇଥିବ ! ଅଦାଲତର ସମନକୁ ରାଜନେତାମାନେ ଅବଜ୍ଞା କରିଥିବେ । ବାରମ୍ବାର ଅବଜ୍ଞା କରିବା ଅପରାଧରେ ଏମାନଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଲାଗୁ କରାଯାଇଥିବ । ବିଧିବ୍ୟବସ୍ଥାରେ ଏହା ହିଁ ଆମର ନିୟମ । ଏଥିରେ ଭୁଲ୍ ରହିଲା କେଉଁଠି ବା ରାଜନୀତି ଆସିଲା କୁଆଡୁ? ଯଦିବା ରାଜନୈତିକ କାରଣରୁ ମିଛ ଅଭିଯୋଗ ଅଣାଯାଇଛି ବୋଲି କୁହାଯିବ, ତାହାହେଲେ ତା'ର ପ୍ରତିକାର ପାଇଁ ଆମ ବ୍ୟବସ୍ଥାରେ ବାଟ ଅଛି । ଅଦାଲତ ହିଁ ସେଥିପାଇଁ ପ୍ରକୃଷ୍ଟ କ୍ଷେତ୍ର । ତେଣୁ ଯେଉଁ ରାଜନେତାମାନେ ତାଙ୍କ ବିରୋଧରେ ଗିରଫ ପରୱାନା ଅଛି ବୋଲି ସେମାନେ ଜାଣନ୍ତି ନାହିଁ କହି ସଫେଇ ଦେଉଛନ୍ତି ତାହା ଠିକ୍ ନୁହେଁ । ବରଂ କୁହାଯାଇପାରେ, ସେମାନଙ୍କର ପଦପଦବୀକୁ ଦେଖି ପୋଲିସ୍ ଏ ଆଦେଶକୁ କାର୍ଯ୍ୟକାରୀ କରିବାପାଇଁ ସାହସ କୁଳେଇ ପାରିନାହିଁ । ତେବେ ଯେଉଁମାନଙ୍କ ବିରୋଧରେ ଏଭଳି ଆଦେଶ ଅଛି ସେମାନଙ୍କୁ ନିଖୋଜ ବୋଲି ଦେଖେଇ ଆଇନକୁ ଆଖିଠାର ମାରିବା କେତେଦୂର ଗ୍ରହଣୀୟ? ଆଜି ଯଦି ନବୀନ ପଟ୍ଟନାୟକ, ଜାନକୀ ପଟ୍ଟନାୟକ, ଦାମ ରାଉତ, ପ୍ରଫୁଲ୍ଲ ଘଡ଼େଇ, ସମୀର ଦେ ଏବଂ ଖୋଦ ବାଚସ୍ପତି ମହୋଦୟ ପୋଲିସ୍ ଆଖିରେ ନିଖୋଜ ଥିବେ ଅଥଚ ଆମେ ତାଙ୍କୁ ସବୁଦିନ ଟିଭିରେ ଦେଖୁଥିବୁ, ତାହାହେଲେ ସାଧାରଣ ନାଗରିକଟିଏ ଆମ ବ୍ୟବସ୍ଥା ସମ୍ପର୍କରେ କି ଧାରଣା କରିବ? ଆମ ରାଜନେତାମାନେ ହୁଏତ ଜର୍ଜ ଅରୱେଲ୍‌ଙ୍କ ଭାଷାରେ, ସମସ୍ତେ ସମାନ କିନ୍ତୁ ନିଜକୁ ଅନ୍ୟମାନଙ୍କଠାରୁ ଅଧିକ ସମାନ ବୋଲି ଭାବୁଛନ୍ତି ।

ଆମ ରାଜ୍ୟରେ ପୋଲିସ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଡିଜିଙ୍କ ଅଫିସ୍‌ରୁ ଫାଇଲ ଚୋରି ହୋଇଯାଉଛି । ବିଚରା କିରାଣୀକୁ ନିଲମ୍ବିତ କରି ସମସ୍ତେ ନିଶ୍ଚିନ୍ତ ହୋଇଯାଉଛନ୍ତି । କିନ୍ତୁ କେହି କେବେ ପ୍ରଶ୍ନ କଲା କି, ସେହି ଫାଇଲ୍‌ରେ ଏମିତି କ'ଣ ଥିଲା- ଯେ ତାକୁ ଗାଏବ କରିଦେବା ଦରକାର ପଡ଼ିଲା ? କିରାଣୀ ତ ଫାଇଲ୍ ରଖେ, କିନ୍ତୁ ଯେଉଁମାନେ ସେ ଫାଇଲ୍‌ରେ ଲେଖନ୍ତି ଏବଂ ନିଷ୍ପତ୍ତି ନିଅନ୍ତି, ସେମାନେ ଏମିତି କ'ଣ ହାତ କାଟି ଲେଖିଥିଲେ ଯେ, ତାହାକୁ ଗାଏବ କରିଦେବା ଛଡ଼ା ଅନ୍ୟ ବାଟ ନ ଥିଲା? ଡିଜି ମହୋଦୟଙ୍କ ପାଖରେ ଏହାର କୌଣସି ଉତ୍ତର ନାହିଁ । ସେହିପରି କାଲି ହୁଏତ ଆମ ଅଦାଲତ ରାଜନେତାମାନଙ୍କୁ କିଛିଟା ସୁଯୋଗ ଦେବ । ପ୍ରମିଳା ଅପା ହୁଏତ ପୁଣି ମନ୍ତ୍ରିମଣ୍ଡଳରେ ଯୋଗ ଦେବେ । ସମୀର ଭାଇ ଲୁଚକାଳି ଖେଳରୁ ମୁକ୍ତି ପାଇବେ । କିନ୍ତୁ ତାହା କ'ଣ ମୂଳ ପ୍ରଶ୍ନର ସଠିକ ଉତ୍ତର ହେବ? ପ୍ରଥମ ଶ୍ରେଣୀର ଓଏଏସ୍ ଅଫିସର୍ ବିଡିଓ ବାବୁ ପ୍ରମିଳା ଅପାଙ୍କ ବିରୋଧରେ ପୋଲିସ୍‌ରେ ଏଫ୍‌ଆଇଆର୍ ଲେଖିଦେଇଥିଲେ। ତାହା ସତ କି ମିଛ, ଆମର କ'ଣ ଜାଣିବାର ଅଧିକାର ନାହିଁ? ଯଦି ମିଛ, ତାହାହେଲେ ମିଛ ଏଫ୍‌ଆଇଆର୍ ଦେବାପାଇଁ ଆମ ପ୍ରଶାସକଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି? ଯଦି ସତ ତାହାହେଲେ ସେଥିରେ ଯେଉଁ ଭାଷା ବ୍ୟବହାର କରାଯାଇଛି ତାହା କ'ଣ ଆମର ଜଣେ କ୍ୟାବିନେଟ ମନ୍ତ୍ରୀଙ୍କ ଦ୍ୱାରା ବ୍ୟବହାର ହେବା କଥା ? ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଦୃଷ୍ଟିଆକର୍ଷଣ କରିବୁ ବା କାହିଁକି? ସେ ତ ଓଡ଼ିଆ ଭାଷା ଜାଣନ୍ତି ନାହିଁ । ବାରିପଦାବାସୀଙ୍କୁ 'ବଡ଼ିପଡ଼ା' କହନ୍ତି । ରାଜନୀତିରେ ତାଙ୍କର ଜିତାପଟ, ଲୋକେ ତାଙ୍କୁ ଭୋଟ ଦେଇଛନ୍ତି । ଆମ ବିଧିବ୍ୟବସ୍ଥା ପଛେ ଚୁଲିକୁ ଯାଉ ତାଙ୍କ କ୍ଷମତା ଅତୁଟ ରହୁ ।